# <u>ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ, ରାୟଗଡା</u>

**ପତ୍ର ସଂଖ୍ୟା: ୯୫୦** **ତାରିଖ: ୨୯.୦୫.୨୦୨୬ରିଖ**

## <u>ମୋଟର ଯାନ ନିଲାମ ନିମନ୍ତେ ବିଜ୍ଞପ୍ତି</u>

ଏତଦ ଦ୍ୱାରା ନିମ୍ନଲିଖିତ ମୋଟର ଯାନର ମାଲିକ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ସେମାନଙ୍କର ଯାନ ବିରୁଦ୍ଧରେ ବେକେୟା ମୋଟୋର ଯାନ ଟିକସ ବାକି ଥିବାରୁ ସେମାନଙ୍କ ନାମରେ ଟିକସ ଅସୁଲି ମାମଲା ରୁଜୁ କରଯାଇଥିଲା । ଯଥା ସମୟରେ ସେମାନେ ଟିକସ ଅସୁଲିକାରୀଙ୍କ କାର୍ଯ୍ୟାଳୟରେ ବକେୟା ଟିକସ ପଇଠ ନ କରିବାରୁ କିମ୍ବା କୌଣସି ଉତ୍ତର ନ ରଖିବାରୁ ସେମାନଙ୍କ ଯାନ ଗୁଡିକୁ ଓଡିଶା ମୋଟୋର ଯାନ କର ଆଇନ ୧୯୭୫ ଅନୁସୂଚୀ-II ଅନୁଯାୟୀ ଜବତ କରାଯାଇ ଅଛି ।

ପୁନର୍ବାର ଉକ୍ତ ବିଜ୍ଞାପନ ମାଧ୍ୟମରେ ସମ୍ପୃକ୍ତ ଯାନ ମାଲିକ ମାନଙ୍କୁ ଅବଗତ କରାଯାଉଅଛି କି, ଯଦି ସେମାନେ ଆସନ୍ତା ତା ୧୭.୦୬.୨୦୨୬ ରିଖ ଅପରାହ୍ନ ୪ ଘଟିକା ସୁଦ୍ଧା ସେମାନଙ୍କର ବକେୟା ଅର୍ଥ ପଇଠ ନ କରନ୍ତି ତେବେ ତା ୧୯.୦୬.୨୦୨୬ ରିଖ ଅପରାହ୍ନ ୪ ଘଟିକା ସମୟରେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟରେ ସମ୍ପୃକ୍ତ ଯାନ ଗୁଡିକ ନିଲାମ କରାଯିବ।

ଅତଏବ ସମସ୍ତ ଜନସାଧାରଣଙ୍କୁ ଉକ୍ତ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଉଅଛିକି, ଇଚ୍ଛୁକ ବ୍ୟକ୍ତି ଯଦି ସଲଗ୍ନ ପତ୍ର ରେ ଲିଖିତ ଯାନଗୁଡ଼ିକର ନିଲାମିରେ ଅଂଶଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରନ୍ତି ତେବେ ଏହି ପତ୍ର ସହିତ ସଲଗ୍ନ ଫର୍ମ ପୂରଣ କରି ତତ ସହିତ ଟ ୫୦୦୦ଙ୍କା (ପାଞ୍ଚ ହଜାର ଟଙ୍କା) ମାତ୍ର ଅମାନତ ରାଶି ଯେ କୌଣସି ରାଷ୍ଟ୍ରାୟତ ବ୍ୟାଙ୍କର ବ୍ୟାଙ୍କ ଡ୍ରାଫଟ (Regional Transport Officer, Rayagada, payable at SBI, Main Branch, Rayagada) ସଲଗ୍ନ କରି ତା ୧୮.୦୬.୨୦୨୬ ରିଖ ଦିବା ୧୦ ଘଟିକା ୩୦ ମିନିଟ ଠାରୁ ଅପରାହ୍ନ ୨ ଘଟିକା ମଧ୍ୟରେ ଜଉମୁଦ ଲଫାପାରେ ପ୍ରତେକ ଯାନ ପାଇଁ ପୃଥକ ଭାବେ ଦାଖଲ କରିବାକୁ ହେବ । ଉକ୍ତ ସମ୍ବନ୍ଧରେସମ୍ପୂର୍ଣ ବିବରଣୀ <u>https://odishatransport.gov.in</u> ୱେବସାଇଟରେ ଉପଲବ୍ଧ ଅଟେ ।

କୌଣସି କାରଣ ନ ଦର୍ଶାଇ କୌଣସି ଯାନକୁ ନିଲାମ ପ୍ରକ୍ରିୟାରୁ ରଦ୍ଦ କରିବା ନିଲାମି ଅଧିକାରୀ କ୍ଷମତା ସମ୍ପନ ଅଟନ୍ତି।

**ବିଦ୍ର: ନିଲାମି ସମ୍ବନ୍ଧିତ ସବିଶେଷ ତଥ୍ୟ ଆଞ୍ଚିଳିକ ପରିବହନ ଅଧିକାରୀ , ରାୟଗଡା କାର୍ଯ୍ୟାଳୟରୁ ମଧ୍ୟ ମିଳି ପାରିବ।**

*ଟିକସ ଅସୁଲି ଅଧିକାରୀ ଏବଂ*
*ଆଞ୍ଚିଳିକ ପରିବହନ ଅଧିକାରୀ,*
*ରାୟଗଡା*

*ପରିପତ୍ର ସଂଖ୍ୟା ୯୫୧/୨୦୨୬* *ତା ୨୯.୦୫.୨୦୨୬ ରିଖ*

*ଏହି ପତ୍ର ର ନକଲ ସୂଚନା ଏବଂ ବ୍ୟାପକ ପ୍ରକାଶନ ପାଇଁ ଜିଲ୍ଲା ସୂଚନା ଏବଂ ଜନସମ୍ପର୍କ ଅଧିକାରୀ , ରାୟଗଡା ଙ୍କୁ ଦାଖଲ କରାଗଲା।*

*ଟିକସ ଅସୁଲି ଅଧିକାରୀ ଏବଂ*
*ଆଞ୍ଚିଳିକ ପରିବହନ ଅଧିକାରୀ,*
*ରାୟଗଡା*

# AUCTION VEHICLE LIST

| Sl. No | Vehicle No. | Type of vehicle | Financier name | Vehicle Model | Place of availability of vehicle |
|---|---|---|---|---|---|
| 1 | OD18-5937 | Tata Magic | MMFSL Rayagada | Tata Magic | RTO office Rayagada |
| 2 | OR18C-0408 | Tata Magic | Shriram Transport Finance, Kolkata | Tata Magic | RTO office Rayagada |
| 3 | OR18C-1651 | Tata Magic | SBI, Dangasil | Tata Magic | RTO office Rayagada |
| 4 | OR18-1019 | Jeep | Shriram Transport Finance, Kolkata | Mahindra Jeep | RTO office Rayagada |
| 5 | OR18-1438 | Tractor | SBI, Kashipur | Mahindra Tractor | RTO office Rayagada |
| 6 | OD18-8719 | Tipper | HINDUJA LEYLAND FINANCE RAYAGADA | Ashok Leyland Taurus 2518 | RTO office Rayagada |
| 7 | OR18-2421 | Mini Truck | SAGAR FINANCE CORPORATION VISAKHAPATNAM | Tata 709 | RTO office Rayagada |
| 8 | OD18G-6189 | Tipper | Shriram Finance Limited, Semiliguda 764036 | TATA LPK 2518 | Vasireddy Srinivas Rao Stockyard, Rayagada |
| 9 | OR18C-5698 | Backhoe Loader | MMFSL, BBSR | Case 770SS Backhoe Loader | Muniguda PS |

ଟିକସ ଅସୁଲି ଅଧିକାରୀ ଏବଂ
ଆଞ୍ଚଳିକ ପରିବହନ ଅଧିକାରୀ,
ରାୟଗଡା

# ନିଲାମି ଯାନ ନିମନ୍ତେ ଆବେଦନ ପତ୍ର

୦୧ ନୀଲାମକାରୀଙ୍କ ନାମ :-

୦୨ ପିତାଙ୍କ ନାମ:-

୦୩ ସମ୍ପୂର୍ଣ୍ଣ ଠିକଣା ଏବଂ ମୋବାଇଲ ନମ୍ବର :-

୦୪ ଠିକଣାର ପ୍ରମାଣପତ୍ର ( ଭୋଟର ପରିଚୟ ପତ୍ର, ଆଧାର କାର୍ଡ , ଡ୍ରାଇଭିଂ ଲାଇସେନ୍ସ):-

୦୫ ନିଲାମି ଯାନର ପଞ୍ଜୀକରଣ ନମ୍ବର:-

୦୬ ପ୍ରଦତ୍ତ ମୂଲ୍ୟ:-

୦୭ ଅମାନତ ରାଶିର ବିବରଣୀ ( ଟଙ୍କାର ପରିମାଣ , ବ୍ୟାଙ୍କ ଡ୍ରାଫ୍ଟ ନମ୍ବର, ତାରିଖ ଏବଂ ବ୍ୟାଙ୍କର ନାମ ):-

ତାରିଖ :

ସ୍ଥାନ :

*ଆବେଦନକାରୀଙ୍କ ସ୍ୱାକ୍ଷର*
*ମୋବାଇଲ ନମ୍ବର*

ବି ଦ୍ର:-

(କ) ଗୋଟିଏ ଦରଖାସ୍ତରେ କେବଳ ଗୋଟିଏ ଯାନ ସଂଖ୍ୟା ସ୍ଥାନିତ ହେବ ।

(ଖ) ପ୍ରତେକ ଯାନ ପାଇଁ ଅଲଗା ଅମାନତ ରାସୀ ପ୍ରଦାନ କରିବାକୁ ହେବ ।

(ଗ) ଇଚ୍ଛୁକ ବ୍ୟକ୍ତି ମାନେ ଯେ କୌଣସି ସରକାରୀ କାର୍ଯ୍ୟ ଦିବସରେ ନିଲାମି ଯାନ ଗୁଡିକ ଅବସ୍ଥାପିତ ସ୍ଥାନରେ ଦେଖି ପାରିବେ ।

(ଘ) ନିଲାମିରେ ଯୋଗ୍ୟ ବିବେଚିତ ବ୍ୟକ୍ତିଙ୍କ ନାମା ଘୋଷଣା କରାଯିବାର ତିନିଟି କାର୍ଯ୍ୟ ଦିବସ ମଧ୍ୟରେ ସମସ୍ତ ଅର୍ଥ ରାଶି କୁ ପଇଠ କରିବାକୁ ହେବ ନଚେତ ସେମାନଙ୍କର ଅମାନତ ଦେୟକୁ ବାଜ୍ୟାପ୍ତି କରାଯାଇ ଯାନ କୁ ପୁନର୍ବାର ବିକ୍ରୟ କରଯିବ ।

(ଙ) ସମସ୍ତ ଦେୟ ପଇଠ କରିବାର ୭ଟି କାର୍ଯ୍ୟ ଦିବସ ମଧ୍ୟରେ ମାଲିକାନାସତ୍ୱ ପରିବର୍ତନ କରାଯିବ ।